# Akashvani, Sambalpur

## SAMBALPURI NEWS EVENING BULLETIN

**20 January 2025- 7.02 pm- 7.12 pm.**

*************************************************

୧- ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍‌ଥି ବଡ଼ ଭୂମିକା ନେବା ଓଡ଼ିଶା- କହେଲେ ମୁଖ୍ୟମନ୍ତ୍ରୀ  ।

- କୋଣାର୍କ ଠାନେ ମୁଲ୍ ହେଲା ଜାତୀୟ ଖଣି ମନ୍ତ୍ରୀ ସମ୍ମିଲନୀ ।

୨- ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାର୍‌ପତି ଦାୟିତ୍ୱ ନେଲେ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ।

୩- ଭୁବ୍‌ନେଶ୍ୱର୍ ଠାନେ ମୁଖ୍ୟମନ୍ତ୍ରୀଙ୍କର୍ ଅଧ୍ୟକ୍ଷତାଥି ଚାଲିଛେ ମନ୍ତ୍ରୀ ପରିଷଦ୍ ବୈଠକ୍ ।

ଆଉର୍

୪- ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ବଢ଼ିଛେ ବିଦେଶୀ ପକ୍ଷୀ ସଂଖ୍ୟା ଆର୍ ପ୍ରଜାତି ।

ଖଣିମନ୍ତ୍ରୀ ସମ୍ମଳନୀ I&PR

୨୦୩୬ ମସିହାତକ୍ ସମୃଦ୍ଧ ଓଡ଼ିଶା ଗଠନ୍‌ର ଲକ୍ଷ୍ୟ ରଖାଯାଇଛେ ଆର୍ ୨୦୪୭ ମସିହାତକ୍ ବିକଶିତ୍ ଭାରତ୍ ଗଠନ୍‌ଥି ଓଡ଼ିଶା ବଡ଼ ଭୂମିକା ନେବା ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ । କୋଣାର୍କ ଠାନେ ଖଣି ମନ୍ତ୍ରଣାଳୟ ଆର୍ ରାଜ୍ୟ ସର୍‌କାର୍‌ଙ୍କର୍ ସହଯୋଗ୍‌ଥି ହେଉଥିବା ୨ ଦିନିଆ ୩ ନମ୍ବର୍ ଜାତୀୟ ଖଣି ମନ୍ତ୍ରୀ ସମ୍ମିଳନୀକେ ଉଦ୍‌ଘାଟନ୍ କରିକରି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍, ରାଏଜେ ଖଣିଜ ଦରବ୍ ଭର୍‌ପୁର୍ ଅଛେ । ପରିବେଶ୍‌କେ ନୁକ୍‌ସାନ୍ ନାଇଁକରିକରି ପ୍ରାକୃତିକ୍ ସମ୍ପଦ୍‌ର ଭର୍‌ପୁର୍ ବିନିଯୋଗ୍ ଦିଗେ କାମ୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ଆହ୍ୱାନ୍ ଦେଇଛନ୍ । କାର୍ଯ୍ୟକ୍ରମ୍‌ଥି ଅଧ୍ୟକ୍ଷତା କରିକରି କେନ୍ଦ୍ର କୁଇଲା ଆର୍ ଖଣି ମନ୍ତ୍ରୀ ଜି. କିଷନ୍ ରେଡ୍ଡୀ କହିଛନ୍, ଖଣି ଜୀବନ୍‌ର ଆଧାର । ବିଜ୍‌ଲି ନବୀକରଣ୍ ଶକ୍ତି, ପ୍ରଯୁକ୍ତି ବିଦ୍ୟା ଲାଗି ପ୍ରାକୃତିକ୍ ସମ୍ପଦ୍‌ର ଦର୍‌କାର୍ ପଡ଼୍‌ସି । ଦେଶେ କୁଇଲା ଉତ୍ପାଦନ୍ ୭୬ ପ୍ରତିଶତ୍ ବଢ଼ିଛେ । ଦେଶର୍ ବିକାଶ୍ ଲାଗି ଖଣି ଆର୍ କୁଇଲା କ୍ଷେତ୍ର୍‌ଥି ଭିନ୍ ଭିନ୍ ସଂସ୍କାର୍ ଅନାଯାଇଛେ ବଲି ମନ୍ତ୍ରୀ ଶ୍ରୀ ରେଡ୍ଡୀ କହିଛନ୍ ।

(ଭଏସ୍ ଓଭର୍- ୧- ଶ୍ରୀ ରେଡ୍ଡୀ)

ବୈଠକ୍‌ଥି ଦେଶର୍ ୧୪ ନୁ ଅଏତ୍‌କା ଖଣିମନ୍ତ୍ରୀ, ଝାର୍‌ଖଣ୍ଡ ମୁଖ୍ୟମନ୍ତ୍ରୀ ଜମ୍ମୁ କଶ୍ମୀର୍ ଉପମୁଖ୍ୟମନ୍ତ୍ରୀ ଆର୍ ରାଜ୍ୟ ଆର୍

କେନ୍ଦ୍ର ସରକାରଙ୍କର ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଛନ୍ ।

ମୁଖ୍ୟ ବିଚାରପତି ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ହାଇକୋର୍ଟର କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଭାବେ ଜଷ୍ଟିସ୍ ଅରିନ୍ଦମ୍ ସିହ୍ନା ଦାୟିତ୍ୱ ଗ୍ରହଣ୍ କରିଛନ୍ । ଜଷ୍ଟିସ୍ ଚକ୍ରଧାରୀ ଶରଣ ସିଂହ ଙ୍କର୍ କାର୍ଯ୍ୟକାଳ ଗଲାକାଏଲ୍ ଶେଷ୍ ହେବାର୍ ଉତ୍‌ରୁ ଶ୍ରୀ ସିହ୍ନା ଇ ଦାୟିତ୍ୱ ଗ୍ରହଣ୍ କରିଛନ୍ ।

ଜଷ୍ଟିସ୍ ସିହ୍ନା ୧୯୯୧ ମସିହା ମାର୍ଚ୍ଚ ୧୧ ତାରିଖ୍ ଦିନ କୋଲ୍‌କାତା ହାଇକୋର୍ଟଥି ଆଇନ୍‌ଜୀବୀ ଭାବେ କାମ୍ ମୁଲ୍ କରିଥିଲେ । ୨୦୧୩ ସାଲେ ଶ୍ରୀ ସିହ୍ନା କୋଲ୍‌କାତା ହାଇକୋର୍ଟର ଅତିରିକ୍ତ ବିଚାର୍‌ପତି ଭାବେ ନିଯୁକ୍ତି ପାଇଥିଲେ । ତାର୍ ଉତ୍‌ରୁ ସେ କୋଲ୍‌କାତା ହାଇକୋର୍ଟର ସ୍ଥାୟୀ ବିଚାର୍‌ପତି ହେଇଥିଲେ । ୨୦୨୧ ମସିହା ଅକ୍ଟୋବର୍ ମାସେ ଜଷ୍ଟିସ୍ ସିହ୍ନା ଓଡ଼ିଶା ହାଇକୋର୍ଟର ବିଚାର୍‌ପତି ଭାବେ ଶପଥ୍ ନେଇଥିଲେ ।

ମନ୍ତ୍ରୀ ପରିଷଦ୍ ବୈଠକ୍ ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍ ଅଧ୍ୟକ୍ଷତାଥି ଭୁବ୍ନେଶ୍ୱର୍ର ଖାରବେଳ ଭବନ୍ ଠାନେ ରାଜ୍ୟ ମନ୍ତ୍ରୀପରିଷଦ୍ର ଗୁଟେ ଗୁରୁତ୍ୱପୂର୍ଣ୍ଣ ବୈଠକ୍ ଚାଲିଛେ । ବୈଠକ୍ଥି କୃଷି, ଶକ୍ତି, ସମବାୟ, ମିଶନ୍ ଶକ୍ତି, ଦକ୍ଷତା ବିକାଶ୍ ବିଭାଗ୍ର ଭିନ୍ ଭିନ୍ ପ୍ରସ୍ତାବ୍ ଉପ୍ରେ ମନ୍ତ୍ରୀ ପରିଷଦ୍ର ଅନୁମୋଦନ୍ ମିଲ୍ବାର୍ ସମ୍ଭାବନା ଅଛେ । ସେନ୍ତା ଆଗ୍କେ ରାଏଜେ ଉତ୍କର୍ଷ ଓଡ଼ିଶା- ମେକ୍ ଇନ୍ ଓଡ଼ିଶା କନ୍କ୍ଲେଭ୍ ଆର୍ ଓଡ଼ିଶା ବିଧାନ୍ସଭାର ଅଧିବେଶନ୍ ହେବାର୍କେ ଯାଉଥିବାର୍ନୁ ଇ ବାବ୍ଦେ କିଛି ଜରୁରୀ ନିଷ୍ପତି ନିଆଯାଇପାରେ ବଲି ଭିଲ୍ ସୂଚ୍ନା ମିଲିଛେ ।

ପିଏମ୍ ଆବାସ୍ ସର୍ଭେ          ହି.ସ.

ରାଏଜେ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜ୍ନାର ଲାଗି ଆଏବା ୨୪ ତାରିଖ୍ ଶୁକୁର୍ବାର୍ ଦିନୁ ସର୍ବେକ୍ଷଣ୍ ମୁଳ୍ ହେବା ବଲି ପଂଚାୟତିରାଜ୍ ଆର୍ ପାନୀୟ ଜଲ୍ ମନ୍ତ୍ରୀ ରବିନାରାୟଣ ନାଏକ ସୂଚ୍ନା ଦେଇଛନ୍ । ସେ କହିଛନ୍, ଇ ସର୍ଭେ କାମ୍ ଦେଢ଼୍ନୁ ଦୁଇ ମାସ୍ତକ୍ ଚାଲ୍ବା । ଯୋଗ୍ୟ ହିତାଧିକାରୀମାନଙ୍କୁ ଯୋଜ୍ନାଥି ସାମିଲ୍ କର୍ବାର୍ ଲାଗି ଜିଲ୍ଲାପାଳ ଆର୍ ଜିଲ୍ଲା ପରିଷଦ କାର୍ଯ୍ୟନିର୍ବାହି ଅଧିକାରୀମାନଙ୍କୁ ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍ ଦିଆଯାଇଛେ । ହିତାଧିକାରୀମାନଙ୍କୁ

ସଚେତନ୍ କର୍‌ବାର୍ ଲାଗି ପଥପ୍ରାନ୍ତ ନାଟକ୍, ସାଂସ୍କୃତିକ୍ କାର୍ଯ୍ୟକ୍ରମ ଆର୍ ଡାକ୍‌ବାଜି ଯନ୍ତ୍ର ଜରିଏ ପ୍ରଚାର୍ କରାଯିବା ସହେତେ ସାମାଜିକ୍ ଗଣମାଧ୍ୟମ୍‌ଥି ଇ ବାବ୍‌ଦେ ଟିଖ୍‌ନିଖ୍ ତଥ୍ୟ ଜନାବାର୍‌କେ ନିର୍ଦ୍ଦେଶନାମା ଜାରି କରାଯାଇଛେ ବଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ ।

(ଭଏସ୍ ଓଭର୍- ମନ୍ତ୍ରୀ ରବି ନାଏକ)

ଜାତୀୟ ଶିକ୍ଷାନୀତି କର୍ମଶାଳା I&PR

ରାଏଜେ ଜାତୀୟ ଶିକ୍ଷାନୀତି-୨୦୨୦ କେ ସରଲ୍ ଭାବେ କାର୍ଯ୍ୟକାରୀ କର୍‌ବାର ଲାଗି ଆଏବା କାଏଲ୍‌ଠାନୁ ଭୁବ୍‌ନେଶ୍ୱର୍ ନ ଜାତୀୟ କର୍ମଶାଳା ମୁଲ୍ ହେବା । ୩ ଦିନିଆ କର୍ମଶାଳାକେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଉଦ୍‌ଘାଟନ୍ କର୍‌ବେ । ଇ କର୍ମଶାଳା ରାଜ୍ୟର୍ ଶିକ୍ଷା ଗୋଷ୍ଠୀଙ୍କୁ ସଚେତନ୍ କର୍‌ବା ଆର୍ ଖେପ୍ ଖେପ୍ କରି ଶିକ୍ଷାନୀତିର୍ କାର୍ଯ୍ୟକାରିତା ଉପ୍‌ରେ ରୋଡ୍‌ମେପ୍ ତିଆର୍ କର୍‌ବା ।

ଚାଖୀ ଖୁଂଟିଆ- ଜୟନ୍ତୀ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶାର୍ ମହାନ୍ ବିପ୍ଳବୀ ଚନ୍ଦନ ହଜୁରୀ ଚାଖୀ ଖୁଂଟିଆଙ୍କର୍ ଜୟନ୍ତୀ ଅବ୍ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ତାଙ୍କୁ ସୁର୍ତା କରିଛନ୍ । ସାମାଜିକ୍ ଗଣମାଧ୍ୟମ୍ ଜରିଏ ମୁଖ୍ୟମନ୍ତ୍ରୀ ଚାଖୀ ଖୁଂଟିଆଙ୍କର୍ ବୀରତ୍ୱର୍ ଗାଥା ଆର୍ ସାହାସ୍ ଇତିହାସ୍ଥି ଗୁଟେ ଖାସ୍ ଅଧ୍ୟାୟ ହେଇପାରିଛେ ବଲି କହିଛନ୍ । କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ସାମାଜିକ୍ ଗଣମାଧ୍ୟମ୍ ଜରିଏ ଚାଖୀ ଖୁଂଟିଆଙ୍କୁ ଭାରତ୍ ମୁକ୍ତି ସଂଗ୍ରାମ୍ର ମହାନ୍ ଯୋଦ୍ଧା ଆଉର୍ ଶ୍ରୀ ଜଗନ୍ନାଥଙ୍କର୍ ପରମ୍ ଭକ୍ତ ଭାବେ କହିକରି ତାଙ୍କୁ ସୋର୍ ପକେଇଥିଲେ । ଭୁବ୍ନେଶ୍ୱର୍ କଳ୍ପନା ଛକ୍ ଠାନେ ଥିବା ତାଙ୍କର୍ ପ୍ରତିମୂର୍ତିଥି ଆଏଜ୍ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କର୍ ସହେତେ ବହୁତ୍ ସିଆନ୍ ସୁଜନ୍ ଫୁଲ୍ମାଲା ଦେଇଥିଲେ ।

ହୀରାକୁଦ୍ ପକ୍ଷୀ ଗନ୍ତି          ସମ୍ବଲ୍ପୁର୍ ସମ୍ବାଦଦାତା

ହୀରାକୁଦ୍ ଜଲ୍ଭଣ୍ଡାର୍ ନ ଗଲା ବଛର୍ନୁ ଇ ବଛର୍ ବିଦେଶୀ ପକ୍ଷୀଙ୍କର୍ ସଂଖ୍ୟା ଆର୍ ପ୍ରଜାତି ବଢ଼ିଛେ । ଇ ବଛର୍ ହୀରାକୁଦ୍କେ ଶହେ ୨୨ ପ୍ରଜାତିର୍ ୩ ଲାଖ୍ ୭୭ ହଜାର୍ ପକ୍ଷୀ ଆସିଥିବା ହୀରାକୁଦ୍ ବନ୍ୟପ୍ରାଣୀ ଡିଏଫ୍ଓ ଅଂଶୁପ୍ରଜ୍ଞା ଦାସ ସୂଚ୍ନା ଦେଇଛନ୍ । ଗଲାବଛର୍ ଜଲ୍ଭଣ୍ଡାର୍କେ ଶହେ ୧୩ ପ୍ରଜାତିର୍ ୩ ଲାଖ୍ ୪୨ ହଜାର୍ ପକ୍ଷୀ ବାହାରୁ

ଆସିଥିଲେ । ଇଥର ୯ ନୂଆଁ ପ୍ରଜାତି ଆଉ ୩୫ ହଜାର୍ ଅଏତ୍କା ପକ୍ଷୀ ଆସିଛନ୍ ବଲି ଡିଏଫ୍ଓ କହିଛନ୍ ।

ଡଲ୍ଫିନ୍ ଗନ୍ତି ଭୁବନେଶ୍ୱର ସମ୍ବାଦଦାତା

ଚିଲିକା ବନ୍ୟପ୍ରାଣୀ ଡିଭିଜନ୍‌ର ବାଲୁଗାଁ ଆର୍ ସାତ୍ପଡ଼ା ରେଂଜ୍‌ନ ଆଏଜ୍ଠାନୁ ଦୁଇଦିନିଆ ଡଲ୍ଫିନ୍ ଗନ୍ତି ମୁଲ୍ ହେଇଛେ । ସଖାଲର୍ ୬ ବଜେନୁ ମଏଧାନର୍ ୧୨ ବଜେତକ୍ ଗନ୍ତି କାମ୍ ହେଇଥିଲା । ଡଲ୍ଫିନ୍ ଗନ୍ତି କାମ୍ଥି ବନ୍ ବିଭାଗର୍ ୧୮ଟି ଦଲ୍ ଲାଗିଛନ୍ । ସବୁ ଦଲ୍ଥି ୫ରୁ ୬ ଝନ୍ ଲେଖା ସଦସ୍ୟ ଅଛନ୍ । ବଡ଼ଗାଁ ବଡ୍କୁଲ୍ଠାନେ ୧୦ଟା ଦଲ୍ ଆର୍ ସାତପଡ଼ାନ ୮ଟା ଦଲ୍ ଗନ୍ତି କରୁଛନ୍ ।

ଜନଅଭିଯୋଗ୍ ଶୁଣାଣି ଶିବିର ଦେବ୍‌ଗଡ଼୍/ସମ୍ବଲପୁର/ବୌଦ୍ଧ/ସୋନ୍‌ପୁର୍/ନୂଆପଡ଼ା

ପଶ୍ଚିମ ଓଡ଼ିଶାର୍ ଭିନ୍ ଭିନ୍ ଜିଲ୍ଲାନ ଆଏଜ୍ ମିଲିତ୍ ଜନଶୁଣାଣି ଶିବିର ହେଇଯାଇଛେ । ଜିଲ୍ଲାପାଲ୍ ଆର୍ ଏସ୍.ପି. ଶିବିରମାନ୍‌କେ ଉପସ୍ଥିତ୍ ରହିକରି ଅଭିଯୋଗ୍‌ମାନ୍‌କର୍

ସମାଧାନ୍ କର୍ବାର୍ ସହେତେ ଦର୍କାରୀ ପଦକ୍ଷେପ୍ ନେବାର୍କେ ବିଭାଗୀୟ ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ ।

ସମ୍ବଲ୍ପୁର୍ ଜିଲ୍ଲା ରେଙ୍ଗାଲି ବ୍ଲକ୍ କାର୍ଯ୍ୟାଳୟ ଠାନେ ସମ୍ବଲ୍ପୁର୍ ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ମିଳିତ ଅଭିଯୋଗ ଶୁଣାଣି ଶିବିର ହେଇଯାଇଛେ । ଶିବିର୍ ନ ୫୩ ଟା ଅଭିଯୋଗ୍ ପଞ୍ଜିକୃତ ହେଇଥିଲା । ସେଥୁ ୧୧ ଟା ଅଭିଯୋଗ୍ର ତୁର୍ତି ସମାଧାନ୍ କରାଯାଇଥିବାର୍ ବେଲେ ବାକି ଅଭିଯୋଗ୍ ମାନ୍କର୍ ତୁର୍ତି ସମାଧାନ୍ ଲାଗି ଜିଲ୍ଲାପାଲ୍ ଆର୍ ଏସ୍.ପି. ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦେଇଛନ୍ । ଶିବିରଥି ଜିଲ୍ଲାପାଲ୍ ୫ଜନେ ହିତାଧିକାରୀଙ୍କୁ ଟ୍ରାଇ ସାଇକଲ୍ ଆର୍ ୪ ଜନ୍କୁ ହ୍ୱିଲ୍ ଚେୟାର୍ ବାଂଟିଥିଲେ ।

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ଠାନେ ଜିଲ୍ଲାପାଲ୍ ଆର୍ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଶୁଣାଣି ଶିବିର୍ ହେଇଯାଇଛେ । ଇଥି ୮୬ ଟା ଅଭିଯୋଗ୍ ଆସିଥିଲା ଆର୍ ଅଭିଯୋଗ୍ ମାନ୍କର୍ ତୁର୍ତି ସମାଧାନ୍ ଲାଗି ପଦକ୍ଷେପ୍ ନେବାର୍କେ ବିଭାଗୀୟ  ଅଧିକାରୀମାନ୍କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଦେବ୍ଗଡ଼୍ ଜିଲ୍ଲା ବାର୍କୋଟ୍ ବ୍ଲକ୍ ସିଂହଶାଳ ପଂଚାୟତ୍ ସମିତି ସମ୍ମିଳନୀ କକ୍ଷ ଠାନେ ଯୁଗ୍ମ ଅଭିଯୋଗ୍ ଶୁଣାଣି ଶିବିରଥି ୩୨ ଟା ଅଭିଯୋଗ୍ ଗ୍ରହଣ୍ ହେଇଥିଲା । ଜିଲ୍ଲାପାଲ୍ ଆର୍

ଆର୍କ୍ଷୀ ଅଧିକ୍ଷକ ଅଭିଯୋଗ୍ ସବୁ ଶୁନିକରି ତୁର୍‌ତି ସମାଧାନ୍ ଦିଗେ କାମ୍ କର୍‌ବାର୍‌କେ ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦେଇଛନ୍ ।

ବୌଦ୍ଧ ଜିଲ୍ଲା କଂଟାମାଲ୍ ବ୍ଲକ୍ କାର୍ଯ୍ୟାଳୟ ଠାନେ ହେଇଥିବା ଜିଲ୍ଲାପାଲ୍ ଆର୍ ଆରକ୍ଷୀ ଅଧିକ୍ଷକଙ୍କର୍ ଜନଶୁଣାଣି ଶିବିର୍‌ଥି ୬୨ ଟା ଅଭିଯୋଗ୍ ଆସିଥିଲା । ସେ ଭିତ୍‌ରୁ ୧୪ ଟା ଅଭିଯୋଗ୍‌ର ତୁର୍‌ତି ସମାଧାନ୍ କରାଯାଇଛେ ।

ସୁବର୍ଣ୍ଣପୁର୍ ଜିଲ୍ଲା ଉଲୁଣ୍ଡା ବ୍ଲକ୍ କାର୍ଯ୍ୟାଳୟ ନ ଅତିରିକ୍ତ ଜିଲ୍ଲାପାଲ୍ ଆର୍ ଏସ୍.ପି.ଙ୍କର୍ ଜନଶୁଣାଣି ଶିବିର ହେଇଯାଇଛେ । ଇଥି ଶହେ ୯ ଟା ଅଭିଯୋଗ୍ ପତ୍ର ଗ୍ରହଣ୍ କରାଯାଇଥିଲା । ତୁର୍‌ତି ସମାଧାନ୍ ଲାଗି ପଦକ୍ଷେପ୍ ନେବାର୍‌କେ ବିଭାଗୀୟ  ଅଧିକାରୀମାନ୍‌କୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ମାଓ ବିରୋଧୀ ଅଭିଯାନ			ଆଇଆଣ୍ଡପିଆର୍

ନୂଆପଡ଼ା ଜିଲ୍ଲା ଆର୍ ଛତିଶଗଡ୍‌ର ଗରିଆବନ୍ଧ ଜିଲ୍ଲାର୍ ସିମ୍‌ନା ଇଲାକାନ ଓଡ଼ିଶା ଆର୍ ଛତିଶଗଡ଼ ପୁଲିସ ଆଉ ସିଆର୍‌ପିଏଫ୍ ଯବାନଙ୍କ ତର୍‌ଫୁ ମାଓ ବିରୋଧି ଅଭିଯାନ୍ ମୁଲ୍ ହେଇଛେ । ଗଲାରାତି ନୂଆପଡ଼ା ଜିଲ୍ଲା ସିମ୍‌ନା ଇଲାକାନ ଥିବା କୁଲାରିଘାଟ୍ ସଂରକ୍ଷିତ୍ ଜଙ୍ଗଲନ ମାଓବାଦୀ ଥିବାର୍ ସୂଚ୍‌ନା

ମିଲିଥିଲା । ପୁଲିସ ଆର୍ ସିଆର୍‌ପିଏଫ୍ ତର୍‌ଫୁ ମୁଲ୍ ହେଇଥିବା ଇ ଅଭିଯାନ୍ ବାବ୍‌ଦେ ଓଡ଼ିଶା ପୁଲିସ୍ ମୁଖ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଆଇଆଇଏମ-ସିଇଓ ଇମର୍ସନ୍ ପ୍ରୋଗ୍ରାମ୍ ସମ୍ବଲପୁର ସମ୍ବାଦଦାତା

ଆଇଆଇଏମ୍ ସମ୍ବଲ୍‌ପୁର୍ ଠାନେ ୬ ଦିନିଆ ସିଇଓ ଇମର୍ସନ୍ କାର୍ଯ୍ୟକ୍ରମ୍ ମୁଲ୍ ହେଇଛେ । ଇ କାର୍ଯ୍ୟକ୍ରମ୍‌ଥି ଆଇଆଇଏମ୍ ସମ୍ବଲ୍‌ପୁର୍‌ର ଏକ୍‌ଜିକ୍ୟୁଟିଭ୍ ଏମ୍‌ବିଏ -୨୦୨୪-୨୬ ଆର୍ ଏମ୍‌ବିଏ ଫର୍ ୱାର୍କି ପ୍ରଫେସନ୍‌ନାଲ୍ ୨୦୨୩-୨୫ ବେଚ୍‌ର ଛାତ୍ରଛାତ୍ରୀମାନେ ଯୋଗ୍ ଦେଇଥିଲେ । ଇଥି ଭିନ୍ ଭିନ୍ ଶିଳ୍ପର୍ ହଜାରେ ଝନ୍ କର୍ମଚାରୀ ଭାଗ୍ ନେଇଥିଲେ ।

ରକ୍ତଦାନ୍ ଶିବିର ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଆଏଜ୍ ଗୁଟେ ରକ୍ତଦାନ ଶିବିର ହେଇଯାଇଛେ । ଇଥି ୨୫ ୟୁନିଟ୍ ରକ୍ତ ସଂଗୃହିତ୍ ହେଇଥିଲା । ପ୍ରଶାସନିକ୍ ଅଧିକାରୀ ଆର୍ ଡାକ୍ତରଖାନା କର୍ମଚାରୀମାନେ ଯୋଗ୍ ଦେଇକରି ରକ୍ତଦାତାଙ୍କୁ ତହଁକେଇଥିଲେ ।

ଋଣ ମେଳା ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ ଷ୍ଟେଟ୍‌ବେଙ୍କ୍ ପରିସର୍ ନ ମିଶନ୍ ଶକ୍ତି ବିଭାଗ୍ ତର୍‌ଫୁ ବ୍ଲକ୍‌ର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଲାଗି ଖାସ୍ ଋଣ ମେଳା ହେଇଯାଇଛେ । ଇଥି ଜିଲ୍ଲାପାଳ୍ ମଧୁସୂଦନ୍ ଦାସ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ବେଙ୍କ୍ ତର୍‌ଫୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନ୍‌କୁ ଋଣ ଦିଆଯାଇଛେ ।

ଲାଲ୍‌ମନୀ କ୍ରିକେଟ୍ ସୁବର୍ଣ୍ଣପୁର ସମ୍ବାଦଦାତା

ସୋନପୁର ଗାନ୍ଧୀ ପଡ଼ିଆଠାନେ ଚାଲିଥିବା ୩୬ ନମ୍ବର ସର୍ବଭାରତୀୟ ଲାଲ୍‌ମନି ସ୍ମାରକୀ କ୍ରିକେଟ୍ ଟୁର୍ନାମେଂଟଥି ଆଏଜ୍ ସୁନ୍ଦରଗଡ଼ ନବ୍‌ଜୀବନ କ୍ରିକେଟ୍ କ୍ଲବ୍ ପ୍ରୟାଗ୍‌ରାଜ୍ ଏନ୍‌ଏନ୍‌ଏସ୍ ଦଲ୍‌କେ ୭ ଓ୍ୱିକେଟ୍‌ଥି ହରେଇଛେ । ଆଏବାକାଏଲ୍ ମୁମ୍ବାଇର୍ ରକେଟ୍ ଏକାଦଶ୍ ଦଲ୍ ଭୁବନେଶ୍ୱର୍ ଇଷ୍ଟକୋଷ୍ଟ୍ ରେଲ୍‌ୱେ ଦଲ୍ ସାଙ୍ଗେ ଖେଲ୍‌ବା ।

ହକି ଇଣ୍ଡିଆ ଲିଗ୍ ଆର୍‌ଏନ୍‌ୟୁ / ସମ୍ବଲପୁର

ହକି ଇଣ୍ଡିଆ ଲିଗ୍‌ର ମହିଳା ବର୍ଗଥି ସଞ୍ଜର୍ ୬ ବଜେନୁ ରାଂଚି ଠାନେ ସୁର୍‌ମା ହକି କ୍ଲବ୍ ଆର୍ ଦିଲ୍ଲୀ ଏସ୍.ଜି ପାଇପର୍ସ ଭିତ୍‌ରେ ମେଚ୍ ଚାଲିଛେ ।

ସେଆଡ଼େ ପୁରୁଷ ବର୍ଗଥି ରାଉର୍‌କେଲା ବିର୍ସାମୁଣ୍ଡା ଅନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍ ଠାନେ ଆଏଜ୍ ରାତି ୮ ବାଜିକରି ୧୫ ମିନିଟ୍‌ଥି ସ୍ରାଚୀ ରାହା ବେଙ୍ଗଲ୍ ଟାଇଗର୍ସ ଆର୍ ସୁର୍‌ମା ହକି କ୍ଲବ୍ ଭିତ୍‌ରେ ମେଚ୍ ହେବା ।